**ସିପିଆଇର ଏରସମା ବାଲିତୁଠ ଜୋନାଲ ବୈଠକ**

ଏରସମା (ସ୍ୱ.ପ୍ର.): ସିପିଆଇର ଏରସମା ଓ ବାଲିତୁଠ ଜୋନାଲ କମିଟି ବୈଠକ ବୁଧବାର ଏରସମାସ୍ଥିତ ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ଜାତୀୟ ପରିଷଦର ସଭ୍ୟ ଅଭୟ ସାହୁ, ଜିଲା ସମ୍ପାଦକ ଅଜିତ ସାହୁ, କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଜିଲା ସହ ସମ୍ପାଦକ ପୀତାମ୍ବର ଦାସ, ଜୋନାଲ କମିଟିର ସମ୍ପାଦକ ସର୍ବେଶ୍ୱର ବେଉରା, ସହ ସମ୍ପାଦକ ଦାମୋଦର ବେଉରା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ସାମ୍ପ୍ରତିକ ରାଜନୀତି ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପରେ ବକ୍ତବ୍ୟ ରଖିଥିଲେ। ୪ଟି ଜିଲା ପରିଷଦ ଜୋନ ସିପିଆଇ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିଲା।

# ଜନଶୁଣାଣିକୁ ଲୋକଙ୍କ ବିରୋଧ

## ଏସାର୍ ମିନ୍‌ମେଟ୍ ପେଲେଟ ପ୍ଲାଣ୍ଟ



ଜନଶୁଣାଣିକୁ ଲୋକେ ବିରୋଧ କରୁଥିବା ବେଳେ ପୋଲିସ ବୁଝାଉଛି।

ପାରାଦୀପ,୫।୧(ସ୍ୱ.ପ୍ର.)

ପାରାଦୀପ ମଧୁବନ ପୌର କଲ୍ୟାଣମଣ୍ଡପଠାରେ ବୁଧବାର ଏସାର୍ ମିନ୍‌ମେଟ୍ ଲିମିଟେଡ କମ୍ପାନୀର ବାର୍ଷିକ ୧୪ ମିଲିୟନ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତାବିଶିଷ୍ଟ ପେଲେଟ ପ୍ଲାଣ୍ଟ ପାଇଁ ଜନଶୁଣାଣି କରାଯାଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ କୁମାର ଦାସ। ଏଥିରେ ପାରାଦୀପ ପୌରାଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଲୋକେ ମତ ରଖିଥିଲେ। ସେଥିରୁ ପ୍ରାୟ ୯୦ ପ୍ରତିଶତ ଲୋକ କାରଖାନା ସ୍ଥାପନ ବିରୋଧରେ ମତ ଦେଇଥିଲେ। ବିଶେଷକରି ପ୍ରସ୍ତାବିତ କମ୍ପାନୀ ସଂଲଗ୍ନ ବସ୍ତି ବାଉରିଆପାଳନ୍ଦା ଓ ବାଲିଝରା ଲୋକେ ତୀବ୍ର ବିରୋଧ କରିଥିଲେ। ବାଉରିଆପାଳନ୍ଦା ବସ୍ତିର ଜ୍ୟୋତିଷ ଦାସ କହିଥିଲେ, ଉକ୍ତ ବସ୍ତିର ଚତୁଃପାର୍ଶ୍ୱରେ ୪ଟି ଟର୍ମିନାଲ ଓ ଦୁଇଟି କାରଖାନା ଅଛି। ଉକ୍ତ କାରଖାନା ଯୋଗୁ ତାଙ୍କ ବସ୍ତିର ଲୋକ ନିଆଁ, ଧୂଆଁ, ଧୂଳି, ପ୍ରଦୂଷଣ ପ୍ରଭାବ ଭୋଗୁଛନ୍ତି। ସବୁଠାରୁ ଭୟଙ୍କର ସ୍ଥିତି ହେଲା ଅସରାଏ ବର୍ଷା ହେଲେ ପାଣି ନିଷ୍କାସନ ହେବାକୁ ୧୫ ଦିନ ଲାଗୁଛି। ଏପରିସ୍ଥିତିରେ ପୁଣି କାରଖାନା କରିବା ଆହୁରି ଯନ୍ତ୍ରଣା ଦେବ। ଏମିତି ଧୀରେ ଧୀରେ ଲୋକଙ୍କୁ ମାରିବା ଅପେକ୍ଷା ଥରେ ସମସ୍ତଙ୍କୁ ମାରିଦିଅ ବୋଲି ପ୍ରଶାସନକୁ ନିବେଦନ କରିଥିଲେ। ସେହିପରି ବାଲିଝରା ବସ୍ତି କମିଟି ସମ୍ପାଦକ ସୁଶାନ୍ତ ସେନାପତି କହିଥିଲେ, ଚତୁଃପାର୍ଶ୍ୱରେ ନଦୀପଥକୁ ଅବରୋଧ କରି କାରଖାନା କରିବା ଦ୍ୱାରା ଲୋକମାନେ ମାସାଧିକ ସମୟ ବର୍ଷା ପାଣିରେ ବୁଡି ରହୁଛନ୍ତି। ଏମିତି ସମସ୍ତେ ନିଯୁକ୍ତି, ପ୍ରଦୂଷଣ, ମେଡିକାଲ ଆଦି ଉପରେ ମତ ଦେଇଥିଲେ। ପ୍ରାୟ ୫୦ରୁ ଅଧିକ ଲୋକ ମତ ଦେଇଥିଲେ। ଜନଶୁଣାଣି ମଝିରେ ପାରାଦୀପ ନାଗରିକ ମଞ୍ଚ ସଙ୍ଗଠନ ସଭାପତି ଅୟସକାନ୍ତ ରାୟ ଓ ଅନ୍ୟମାନେ ପ୍ରକଳ୍ପ ବିରୋଧରେ ନାରାବାଜି କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ଉତ୍ତେଜନା ହ୍ରାସ ପାଇଥିଲା।

ସୂଚନାଯୋଗ୍ୟ, ଏସାର୍ କମ୍ପାନୀକୁ ଏଏମ୍‌ଏନ୍‌ଏସ୍(ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍) ୨୦୧୯ରେ ଅଧିଗ୍ରହଣ କରିଛି। ଏସାର୍ କମ୍ପାନୀ ପୁଣି ଏକ ନୂଆ କାରଖାନା କରିବା ପାଇଁ ପାରାଦୀପ ବନ୍ଦର ନିକଟରୁ ୪୦.୪୯ ହେକ୍ଟର ଜମି ୬୦ ବର୍ଷିଆ ଲିଜ୍‌ରେ ନେଇଛି। ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି (ଏସ୍‌ଆଇପିସି) ନିୟମରେ ଏହି ଜମି ଯୋଗାଇ ଦିଆଯାଇଛି। ଏଥିରେ କେହି ବିସ୍ଥାପିତ ହେବେ ନାହିଁ ବୋଲି ଅତିରିକ୍ତ ଜିଲାପାଳ ଧୀର ସୂଚନା ଦେଇଥିଲେ। ଏଥିରେ ଏସାର୍ କମ୍ପାନୀ ୩୫୮୩ କୋଟି ଟଙ୍କା ନିବେଶ କରିବ ବୋଲି ଦର୍ଶାଯାଇଛି। ପ୍ରକଳ୍ପ ନିର୍ମାଣ ସମୟରେ ୭୫୦ ଏବଂ କାରଖାନା କାର୍ଯ୍ୟକ୍ଷମ ହେଲେ ୬୦୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି କମ୍ପାନୀର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ।

## ଖବରଦାତାଙ୍କ ଘର କାନ୍ଥରେ ଲଟକା ଜାରି କଲା ପୋଲିସ

### ୩ ଦିନ ମଧ୍ୟରେ ଫାଣ୍ଡିରେ ହାଜର ପାଇଁ ନିର୍ଦ୍ଦେଶ

ବାଲିକୁଦା, ୫।୧(ସ୍ୱ.ପ୍ର.)

ଖବରଦାତା ସୋମନାଥ ପରିଡ଼ାଙ୍କ ଘର କାନ୍ଥରେ ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ପୋଲିସ ମଙ୍ଗଳବାର ଲଟକା ଜାରି କରିଛି। ପରିଡ଼ାଙ୍କୁ ୩ ଦିନ ମଧ୍ୟରେ ଫାଣ୍ଡିରେ ହାଜର ହେବାକୁ ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ୨୦୨୧ ଏପ୍ରିଲ ୨୦ରେ ଏକ ବିବାଦୀୟ ଘଟଣାରେ ପରିଡ଼ା ଛନ୍ଦି ହୋଇଯାଇଥିଲେ। ଅନନ୍ତପୁର ଫାଣ୍ଡି ଅଧୀନ ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣଡ଼ିହି ଗାଁର ଜଣେ ମହିଳା ସୋମନାଥଙ୍କ ନାମରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ବାଲିକୁଦା ପୋଲିସ ନଂ. ୧୪୯/୨୧ରେ ଏକ ମାମଲା ରୁଜୁ କରିଥିଲା। ଯେଉଁଥିରେ ସୋମନାଥଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ନାମ ଯୋଡ଼ି ହୋଇଥିଲା। ସେହି ଅଭିଯୁକ୍ତମାନଙ୍କ ମଧ୍ୟରୁ ସୋମନାଥ ଓ ବିଶ୍ୱଜିତ ବରାଳଙ୍କ ବିରୋଧରେ ପୋଲିସ ଲଟକା ଜାରି କରିଥିଲା। ମାତ୍ର ବିଶ୍ୱଜିତ ପୋଲିସଠାରୁ ସେହି ନୋଟିସକୁ ଗ୍ରହଣ କରିଥିବା ବେଳେ ସୋମନାଥ କିମ୍ବା ତାଙ୍କ ପରିବାର ଲୋକେ କେହି ଉକ୍ତ ନୋଟିସକୁ ଗ୍ରହଣ କରି ନ ଥିଲେ। ବାଧ ହୋଇ ପୋଲିସ ସେହି ନୋଟିସକୁ ତାଙ୍କ ଓଳାଷସ୍ଥିତ ପୈତୃକ ଘର ବାହାର ପଟ କାନ୍ଥରେ ମାରି ଥିଲା। ଯଦି ପରିଡ଼ା ଏହି ନୋଟିସ ନିର୍ଦ୍ଦେଶାନୁଯାୟୀ ଫାଣ୍ଡିରେ ହାଜର ନ ହୁଅନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନୋଟିସରେ ମଧ୍ୟ ଉଲ୍ଲେଖ ରହିଛି। ସୋମନାଥ ଓ ତାଙ୍କ ସହ କେତେଜଣ ବ୍ୟକ୍ତି ମହିଳାଙ୍କ ଘରେ ପଶି ତାଙ୍କ ସ୍ୱାମୀଙ୍କୁ ୨୦୨୧ ଏପ୍ରିଲରେ ମାରଧର କରିବା ସହ ଘରର ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିଲେ। କେବଳ ସେତିକି ନୁହେଁ ମହିଳାଙ୍କ ପ୍ରତି ମଧ୍ୟ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ।

## ଏସ୍‌ଭିଏମ୍ କଲେଜକୁ କାଜୁ ନିଗମ ଅଧ୍ୟକ୍ଷ ଦେଲେ ଟଙ୍କା

ଜଗତ୍‌ସିଂହପୁର ଅଫିସ, ୫।୧

ଜଗତ୍‌ସିଂହପୁର ସହର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ (ଏସ୍‌ଭିଏମ୍)କୁ ପୁରାତନ ଛାତ୍ର ତଥା ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଓଡ଼ିଶା ସରକାରଙ୍କ ମୋ କଲେଜ ଅଭିଯାନକୁ ୧ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। କଲେଜ ଅଧ୍ୟକ୍ଷ ନିରଞ୍ଜନ ବିଶ୍ୱାଳଙ୍କୁ ଦାସ ଉକ୍ତ ଟଙ୍କାର ଚେକ୍ ରାଜ୍ୟ କାଜୁ ନିଗମ ପକ୍ଷରୁ ପ୍ରଦାନ କରିଥିଲେ। ସରକାରଙ୍କ ଏହି ଅଭିନବ ପ୍ରୟାସକୁ ସଫଳ କରିବାକୁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଡି ହୁଅନ୍ତୁ ଓ କଲେଜକୁ ପରିବାର ପରି ଦେଖନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଜିତୁ ପ୍ରସାଦ ମଲ୍ଲିକ, ନିହାର ସ୍ୱାଇଁ, ପ୍ରଦୀପ ସାହୁ, ଗଗନ ଦାସ, ଦିଲୀପ ସ୍ୱାଇଁ, ଶିକ୍ଷାବିତ୍ ବିଦ୍ୟୁଭୂଷଣ ତ୍ରିପାଠୀ, ପୂର୍ବତନ ଛାତ୍ର ସଂସଦ ସଭାପତି ତନ୍ମୟ ମହାପାତ୍ର, ମମିନ ଖାନ୍, ଲୋକନାଥ ସ୍ୱାଇଁ, ଅଶ୍ୱିନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବାକୁ ସହମତି ବଢୁଛି

କୁଜଙ୍ଗ,୫।୧(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ପାନବରଜ ଜମି ଦେବା ସପକ୍ଷରେ ଜନ ସମର୍ଥନ ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀମାନେ ପୋଲିସ, ପ୍ରଶାସନ ବିରୋଧୀ ହୋଇ ଉଠିଛନ୍ତି।

ପ୍ରଶାସନ ପାନବରଜ ଅଧିଗ୍ରହଣ ଆରମ୍ଭ ପାଇଁ ଯେତେବେଳେ କ୍ଷୟକ୍ଷତି ପ୍ୟାକେଜ୍ ଘୋଷଣା କଲେ ସେତେବେଳେ ଢିଙ୍କିଆବାସୀ ଗ୍ରହଣ ନ କରି ପ୍ରତ୍ୟାଖ୍ୟାନ କରିଥିଲେ। ମାତ୍ର ଧୀରେ ଧୀରେ ପାନ ବରଜ ଅଧିଗ୍ରହଣ ବଢ଼ିଚାଲିବାରୁ ଢିଙ୍କିଆର କେତେଜଣ ବ୍ୟକ୍ତି ପାନବରଜ ଭାଙ୍ଗିବାକୁ ପ୍ରଶାସନ ନିକଟରେ ସହମତି ପ୍ରକାଶ କରିଛନ୍ତି। ଫଳ ସ୍ୱରୂପ ବୁଧବାର ଢିଙ୍କିଆ ପଞ୍ଚାୟତର ଢିଙ୍କିଆ, ମାହାଳ ଓ ପାଟଣା ଗ୍ରାମର ୩୫ ଟି ପାନବରଜ ମାପଚୁପ ହୋଇଛି। ୮ଟି ଭଙ୍ଗା ଯାଇଥିବା ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କଠାରୁ ପ୍ରକାଶ। ଏହା ପରେ ଢିଙ୍କିଆରେ ବିରୋଧୀମାନେ ପୋଲିସ ଓ ପ୍ରଶାସନର ନାଲି ଆଖି, ମିଥ୍ୟା ମକଦ୍ଦମା ଓ ଯୋର ଜବରଦସ୍ତ ପାନବରଜ ଭାଙ୍ଗିବା ପ୍ରଭୃତି ୧୨ ଦଫା ସମ୍ବଳିତ ଆରୋପ ଲଗାଇଛନ୍ତି। ସେମାନେ କହିଛନ୍ତି, ଜଗତ୍‌ସିଂହପୁର ଏସ୍‌ପି ତାଙ୍କୁ ଡିସେମ୍ବର ୨୧ରୁ ପୋଲିସ ଘେରା ବନ୍ଦୀରେ ରଖିଛନ୍ତି। ଯାହାଦ୍ୱାରା ସେମାନଙ୍କ ଜୀବନ ଜୀବିକା ହରାଇ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏ ବନ୍ଦୀରୁ ମୁକ୍ତି ପାଇବା ପାଇଁ ଗୁରୁବାରଠାରୁ ଲଢେଇକି ଯୋରଦାର କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଜିଲାସ୍ତରୀୟ ନିଯୁକ୍ତିମେଳା

ରଘୁନାଥପୁର,୫।୧(ଡି.ଏନ.ଏ.)

ରଘୁନାଥପୁର ବ୍ଲକ କୁର୍ଭାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟରେ ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରାଧିକରଣ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ଲାଗି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୬୧ ଜଣ ୮ମରୁ ଯୁକ୍ତ ୩ ଓ ଆଇଟିଆଇ ଡିପ୍ଲୋମାଧାରୀ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୪ଜଣଙ୍କୁ ଅଫର ଲେଟର ମିଳିଥିବା ବେଳେ ୧୦୨ ଜଣ ବିଭିନ୍ନ ଟ୍ରେଡରେ ତାଲିମ ନେବାକୁ ମନୋନୀତ ପ୍ରଦାନ କରିଛନ୍ତି। ଏଥିରେ ବିଭିନ୍ନ ବେସରକାରୀ ସଂସ୍ଥା ସହ ସରକାରଙ୍କ ସହ ଅନୁବନ୍ଧିତ ହୋଇଥିବା କମ୍ପାନୀମାନେ ଉପସ୍ଥିତ ରହି କାଉନସେଲିଂ କରିଥିଲେ। ବିଡିଓ ଜିତେନ୍ଦ୍ର କୁମାର ନାୟକ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ତହସିଲଦାର ରୂପାଲିକା ଦାଶ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ଓ ଜୁନିୟର କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ, ପଲିଟେକ୍ନିକ ପକ୍ଷରୁ ପ୍ରତୀକ ଦାସ ନିଯୁକ୍ତି ମେଳା ସମ୍ପର୍କରେ ମତ ରଖିଥିଲେ। ଶ୍ରମ ନିୟୋଜନ ଅଧିକାରୀ ତାପସ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ।

## କାଞ୍ଚନବାଳା ରଥଙ୍କ ସ୍ମୃତିରେ ୭ରୁ କର୍କଟ ରୋଗ ନିରୂପଣ, ଚିକିତ୍ସା

ଜଗତ୍‌ସିଂହପୁର ଅଫିସ,୫।୧

କାଞ୍ଚନବାଳା ରଥଙ୍କ ସ୍ମୃତିରେ ମୁମ୍ବାଇସ୍ଥିତ ଜଗନ୍ନାଥ କ୍ୟାନ୍‌ସର ଏଡ୍ ଫାଉଣ୍ଡେଶନ୍ ପକ୍ଷରୁ ଆସନ୍ତା ୭, ୮ ତାରିଖରେ ମାଗଣା କର୍କଟ ରୋଗ ନିରୂପଣ ଓ ଚିକିତ୍ସା ପରାମର୍ଶ ଶିବିର ପୃଥକ୍ ଭାବେ ପାରାଦୀପ ଓ ଜଗତ୍‌ସିଂହପୁରରେ ଅନୁଷ୍ଠିତ ହେବ। ୭ ତାରିଖରେ ପାରାଦୀପ ମଧୁବନସ୍ଥିତ ନିଶାମଣି ଭବନ, ୮ରେ ଜଗତ୍‌ସିଂହପୁର ଟାଉନହଲ୍ ପାଖ କିୟୋର ୱେଲ୍ ହସ୍ପିଟାଲରେ ସକାଳ ୯ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେବ ବୋଲି ଜଗତ୍‌ସିଂହପୁର ଓ ପାରାଦୀପସ୍ଥିତ କାଞ୍ଚନ ମୁରଲୀ ହୋଣ୍ଡା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ମୁମ୍ବାଇର ପ୍ରସିଦ୍ଧ କର୍କଟ ରୋଗ ଚିକିତ୍ସକ ଡା. ଶିଶିର ସେଠୀ ଉପସ୍ଥିତ ରହିବେ।

## ପଲ୍ଲିଶ୍ରୀ ମେଳାରେ ଭିଡ଼, ନାହିଁ କରୋନା ଭୟ

ପାରାଦୀପ,୫।୧(ସ୍ୱ.ପ୍ର.)

ପାରାଦୀପ ସମୁଦ୍ର ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ଗତ ୩ ତାରିଖରୁ ଚାଲିଛି ପଲ୍ଲିଶ୍ରୀ ମେଳା। ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମେଳାରେ ମଙ୍ଗଳବାର ଓ ବୁଧବାର ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଦୀର୍ଘ ଦୁଇବର୍ଷ ପରେ ବେଳାଭୂମିରେ ମେଳା ଦେଖିବା ଏବଂ ଘରକରଣା ସାମଗ୍ରୀ କିଣିବାକୁ ଲୋକଙ୍କ ସମାଗମ ଅଧିକ ରହୁଛି। ଯେଉଁ କରୋନା ଓ ଓମିକ୍ରନ୍ ଭାଇରସ୍ ପାଇଁ ସରକାର ନବବର୍ଷ ପାଳନ ଉପରେ କଟକଣା ଜାରି କରିଥିଲେ ତା'ର ଓଲଟା ଚିତ୍ର ପଲ୍ଲିଶ୍ରୀ ମେଳାରେ ଦେଖିବାକୁ ମିଳୁଛି। ଏହି ମେଳାରେ ୬୨ଟି ଷ୍ଟଲ୍ ହୋଇଛି ଏବଂ ଷ୍ଟଲ୍ ବାହାରେ ତାହାଠାରୁ ଅଧିକ ଉଠା ବ୍ୟବସାୟୀ ବସିଛନ୍ତି। ମେଳା ଭିତରକୁ ପ୍ରବେଶ ବେଳେ ଘରୋଇ ସିକ୍ୟୁରିଟି ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦେଉଛନ୍ତି। ଡାକବାଜି ଯନ୍ତ୍ର ଯୋଗେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ଉପରେ କୁହାଯାଉଛି। କିନ୍ତୁ ମେଳା ଭିତରେ ଥିବା ଖାଇବା ଷ୍ଟଲ୍‌ଗୁଡିକରେ ଲୋକେ ରାଜସ୍ଥାନୀ ଖାଦ୍ୟ, ନୟାଗଡ଼ ଛେନାପୋଡ ଆଦି ଖାଉଛନ୍ତି। ଏଭଳି ନିୟମକୁ ନେଇ କେତେଜଣ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ଆଇନଜୀବୀ ଗତିକୃଷ୍ଣ ଶତପଥୀ କୁହନ୍ତି, ସରକାର ନୂଆବର୍ଷ ବେଳେ ପର୍ଯ୍ୟଟନ ସ୍ଥାନ, ମନ୍ଦିର ଦର୍ଶନ ଆଦି ଉପରେ କଟକଣା ଜାରି କରି ଲୋକଙ୍କୁ ଅଟକାଉଛନ୍ତି। କିନ୍ତୁ ନିଜେ ମେଳା କରିବେ, ରାଜନୈତିକ ସଭା କରିବେ। ଏ ସମ୍ପର୍କରେ ଓରମାସ୍‌ର ସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଳଙ୍କୁ ପଚାରିବାରେ ଅପରାହ୍ଣ ୪ଟାରୁ ୮ଟା ଯାଏ ଗହଳି ହେଉଥିଲା। ରାଜ୍ୟ ସରକାର ବୁଧବାର ନୂଆ ଗାଇଡ୍‌ଲାଇନରେ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି। ଜିଲା ପ୍ରଶାସନ ସହ ଆଲୋଚନା କରି ଯାହା କିଛି ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।



କରୋନା କଟକଣାକୁ ଭୁଲ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଗହଳି।

# ୨୦୨୨ର ଆଶା

## କର୍ମନିଯୁକ୍ତିକୁ ଗୁରୁତ୍ୱ



ପ୍ରାୟ ୧୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡ଼ା ଜିଲାରେ ଜଳ ପରିଚାଳନା ଆମ ପାଇଁ ଆହ୍ୱାନ ପାଲଟିଛି। ପ୍ରତି ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ସହ କୃଷି କ୍ଷେତର ସମୃଦ୍ଧି ପାଇଁ ଜଳସେଚନ ଓ ନିଷ୍କାସନ ବ୍ୟବସ୍ଥା ଲାଗି ସ୍ୱତନ୍ତ୍ର ଯୋଜନା ଅଛି। ଦୁଇବର୍ଷ ଧରି କରୋନା ସଂକ୍ରମଣ ଯୋଗୁ ଜିଲା ବାହାରୁ ବହୁ ପ୍ରବାସୀ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଯୁବବର୍ଗଙ୍କ କର୍ମନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। ମହାକାଳପଡ଼ାରେ ଶିଳ୍ପ ପ୍ରତିଷ୍ଠା, ବିଭିନ୍ନ ସରକାରୀ ଯୋଜନାରେ ଶ୍ରମିକଙ୍କୁ କର୍ମନିଯୁକ୍ତି ସହ ମହିଳା ସଶକ୍ତୀକରଣ ଦ୍ୱାରା ଜିଲାର ଅର୍ଥନୀତି ଆସନ୍ତା ୨୦୨୨ରେ ଚଳଚଞ୍ଚଳ ହେବ।

- ଅମୃତ ରତୁରାଜ, ଜିଲାପାଳ, କେନ୍ଦ୍ରାପଡ଼ା

## ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ମିଳିଛି



ସ୍ୱାସ୍ଥ୍ୟ ହିଁ ସମ୍ପଦ। ଦୁଇବର୍ଷ ଧରି ଜିଲାବାସୀଙ୍କୁ କୋଭିଡ୍-୧୯ ବ୍ୟତିବ୍ୟସ୍ତ କରିଛି। ଏହାସତ୍ତ୍ୱେ ସଚେତନତା, ଟିକାକରଣ କ୍ଷେତ୍ରରେ ଆମ ବିଭାଗ କେନ୍ଦ୍ରାପଡ଼ା ଜିଲାରେ ଆଗୁଆ। ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ପ୍ରଥମ ଡୋଜ ଓ ୬୦ ପ୍ରତିଶତ ଦ୍ୱିତୀୟ ଡୋଜ କରୋନା ଟିକାକରଣ ହୋଇଛି। ଜାନୁୟାରୀରେ ଟିକାକରଣ ଅଧିକ ସମ୍ପ୍ରସାରିତ କରାଯିବ। ଚିକିତ୍ସା କେନ୍ଦ୍ରରେ ଚିକିତ୍ସା, ଆମ୍ବୁଲାନ୍ସ ଓ ବୋଟ ଆମ୍ବୁଲାନ୍ସ ସେବାକୁ ଗୁରୁତ୍ୱ ଦିଆଯାଇଛି। ୨୦୨୨ରେ ଶାମଗୁଡିଆ ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ପୂର୍ଣ୍ଣକ୍ଷମ ହେବ। ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବହୁ ପଦବୀ ପୂରଣ ହେଉଥିବାରୁ ସ୍ୱାସ୍ଥ୍ୟସେବା ଉନ୍ନତ ରହିବ।

- ଡ. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ୍‌ଓ, କେନ୍ଦ୍ରାପଡ଼ା

## ରାଜନୀତିରେ ଯୁବବର୍ଗ



୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସହ କେନ୍ଦ୍ରାପଡ଼ା ଜିଲାର ୨ ପୌରାଞ୍ଚଳରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ରାଜନୈତିକ ଦଳ ତତ୍ପର ହୋଇଛନ୍ତି। ରଣନୀତିରେ ତୃଣମୂଳ ସମସ୍ୟା ସହ ବିଭିନ୍ନ ଯୋଜନାର ରୂପାୟନ ଅଛି। ଖରସ୍ରୋତା ପାଣି ବିବାଦ, କୃଷି କ୍ଷେତକୁ ଜଳ ପରିଚାଳନା, ଗମନାଗମନ, ସେତୁ, ରାଶନ କାର୍ଡ, ଭତ୍ତା ଆଦି ପ୍ରସଙ୍ଗ ହେବ। ପଛୁଆବର୍ଗ ସଂରକ୍ଷଣକୁ ନେଇ ସମସ୍ତ ଦଳ ବିଚଳିତ ଅଛନ୍ତି। ଏହାର ପ୍ରତିଫଳନ ଆଗାମୀ ନିର୍ବାଚନରେ ଦେଖିବାକୁ ମିଳିବ। ଆସନ୍ତା ନିର୍ବାଚନ ପାଇଁ ଯୁବବର୍ଗ ଉତ୍ସାହିତ ଅଛନ୍ତି। ଏହା ଏକ ଶୁଭ ଲକ୍ଷଣ। ତେବେ ରାଜ୍ୟ ବୃହତ୍ ୩ ରାଜନୈତିକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଅଛି। ପୂର୍ବପରି କୌଣସି ରାଜନୈତିକ ଦଳ ଜିଲାରେ ପ୍ରଭାବ ବିସ୍ତାର କରିପାରିବ ନାହିଁ।

- ଅମରବର ବିଶ୍ୱାଳ, ରାଜନୈତିକ ସମୀକ୍ଷକ, କେନ୍ଦ୍ରାପଡ଼ା

## କରୋନା ସଂକ୍ରମଣ ସାହିତ୍ୟକୁ ରୋକିନାହିଁ



ଦୁଇବର୍ଷ ଧରି କରୋନା ସଂକ୍ରମଣ ସାରା ବିଶ୍ୱକୁ କବଳିତ କରିଛି। ଏଥିରେ କେବଳ ଅର୍ଥନୀତି ନୁହେଁ, ସାହିତ୍ୟ ଓ ସଂସ୍କୃତି ପ୍ରଭାବିତ ହୋଇଛି। ମହାମାରୀରେ ମଧ୍ୟ ସାହିତ୍ୟ ସର୍ଜନା ମରିନାହିଁ। ବହୁ ତରୁଣ କଥାକାର ନିଜ କଲମ ମୁନରେ ଏହାର ବାସ୍ତବତାକୁ ତୋଳି ଧରିଥିବା ବେଳେ ଅଭିଜ୍ଞଙ୍କର ନୂତନ ସୃଷ୍ଟି ସମାଜକୁ ଦିଗଦର୍ଶନ ଦେଇଛି। ବିଶେଷକରି ସଂସ୍କୃତି ସମ୍ପନ୍ନ ଜନ୍ମମାଟି କେନ୍ଦ୍ରାପଡ଼ାର ତରୁଣ ସ୍ରଷ୍ଟା ନିଜର ସୃଷ୍ଟିକୁ ଡିଜିଟାଲ ଗାଜେଟରେ ପ୍ରକାଶ କରି ସୁନାମ ଅର୍ଜନ କରିଛନ୍ତି। ଏହି ଧାରା ଆଗାମୀ ବର୍ଷ ଜାରି ରହିବ।

- ଅପର୍ଣ୍ଣା ମହାନ୍ତି, କବି, କେନ୍ଦ୍ରାପଡ଼ା

## ଭର୍ଚୁଆଲି ଶୁଣାଣିରୁ ଶୀଘ୍ର ମୁକ୍ତି ମିଳିବ



ସାଧାରଣ ଲୋକଟିଏ ସମସ୍ତ ଭରସା ତୁଟାଇବା ପରେ ନ୍ୟାୟାଳୟରେ ନ୍ୟାୟକୁ ଶେଷ ଆଶା ରଖିଥାନ୍ତି। ମାତ୍ର ଦୁଇବର୍ଷ ଧରି କରୋନା ସଂକ୍ରମଣ ଜାରି ରହିଥିବାରୁ ଜିଲାରେ ମାମଲା ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ବହୁବାର କୋର୍ଟ ବନ୍ଦ ରହିଛି ତ କେତେବେଳେ ଭର୍ଚୁଆଲି ଶୁଣାଣି ହେଉଛି। ଏବେ କରୋନା ସଂକ୍ରମଣ ହ୍ରାସ ପାଉଥିବା ବେଳେ ରାଜ୍ୟରେ ଓମିକ୍ରନ ପ୍ରଭାବ ବିସ୍ତାର କରୁଛି। ଏହାସତ୍ତ୍ୱେ ଆସନ୍ତା ବର୍ଷରେ ଭର୍ଚୁଆଲି ଶୁଣାଣିରୁ ମୁକ୍ତି ମିଳିବ ବୋଲି ଆଶା ରହିଛି। ମାମଲା ସଂଖ୍ୟା ହ୍ରାସ ହେଲେ ଧନ ଜୀବନ ଅଧିକ ସୁରକ୍ଷିତ ହେବ।

- ସରୋଜରାଜ ସିଂହ, ଆଇନଜୀବୀ, କେନ୍ଦ୍ରାପଡ଼ା

## ଉପକୂଳ କେନାଲ ଏବେ ପ୍ରସଙ୍ଗ



ଏବେ ଭିତରକନିକା ମଧ୍ୟଦେଇ ଉପକୂଳ ରାଜପଥ, ଜାତୀୟ ଜଳପଥ ୫, ମହାକାଳପଡ଼ାରେ ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା ଆଦି ଯୋଜନା ରହିଛି। ସେହିପରି ଖରସ୍ରୋତା ପାଣି ବିବାଦ, ଧାମରା ପୋର୍ଟରେ ଜାହାଜ, ହୁଇଲର ଦ୍ୱୀପରେ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟରେ ମିଶାଇଲ ପରୀକ୍ଷା, ବେଆଇନ ଚିଙ୍ଗୁଡି ଘେରି, ଜଙ୍ଗଲ ଜମିକୁ ଜବରଦଖଲ ଆଦି ଜାତୀୟ ଉଦ୍ୟାନ ଉପରେ ବିପଦ ଆଣିଛି। ଏହାର ନିରାକରଣ ପାଇଁ ସାମୁଦ୍ରିକ ତଟ ଅଞ୍ଚଳରେ ହେନ୍ତାଳବଣ ଆବଶ୍ୟକ। ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ କେନାଲ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ, କୃଷି ସହ ହେନ୍ତାଳବଣ ସୃଷ୍ଟି ହୋଇପାରିବ।

- ଶ୍ରୀକାନ୍ତ ନାୟକ, ପରିବେଶବିତ୍, କେନ୍ଦ୍ରାପଡ଼ା

## ସଂକ୍ରମଣ ରୋକିବା ପାଇଁ ଉଦ୍ୟମ ହେବ



ଗତ ଦୁଇବର୍ଷ ହେଲା କରୋନା ଭାଇରସ୍ ଯୋଗୁଁ ସମଗ୍ର ବିଶ୍ୱରେ ପରିସ୍ଥିତି ବିଗିଡି ଯାଇଛି। ଏବେ ଓମିକ୍ରନ ଚିନ୍ତା ବଢ଼ାଇଛି। ଏହି ସଂକ୍ରମଣ ରୋକିବା ପାଇଁ ନୂତନ ବର୍ଷରେ ଯଥାସମ୍ଭବ ଉଦ୍ୟମ କରାଯିବ। ରାଜ୍ୟ ସରକାର ପର୍ଯ୍ୟଟନ, ଶିଳ୍ପ, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ନୂଆ ରୂପରେ ଏସ୍‌ସିବି ମେଡିକାଲ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏହା ଆଗାମୀ ଦିନରେ ଅନେକ ପରିବର୍ତ୍ତନ ଆଣିଦେବ।

- ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି

## ଯୁବପିଢ଼ିଙ୍କୁ ଚାକିରି ଦେବା ଆବଶ୍ୟକ



କରୋନା ଭୂତାଣୁ ପରେ ଏବେ ଓମିକ୍ରନ ଭୟ ଘାରିଛି। ଏନେଇ ଆମକୁ ଭିଡ଼ଠାରୁ ଦୂରେଇ ରହିବାକୁ ପଡ଼ିବ। ଓଡ଼ିଶାର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରଥମେ ବେରୋଜଗାର ଯୁବକମାନଙ୍କୁ ଚାକିରି ଦେବା ଆବଶ୍ୟକ। ଏଥିସହ ରାଜ୍ୟରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେବ। ଏହାଦ୍ୱାରା ରାଜ୍ୟର ଉନ୍ନତି ହେବ।

- ସମ୍ପଦ ସ୍ୱାଇଁ, ଭାଜପା ନେତା, ପାରାଦୀପ

## ନିଯୁକ୍ତି ସୁଯୋଗ ବଢ଼ିବ



ରାଜ୍ୟର ବିକାଶ ପାଇଁ ଏବେ ଶିଳ୍ପ ପ୍ରତିଷ୍ଠା ଜରୁରୀ। ସରକାର କ୍ଷୁଦ୍ର ମଧ୍ୟମ ଶିଳ୍ପ ପାଇଁ ଭିତ୍ତିଭୂମି କରି ସେହି ଅଞ୍ଚଳର ଲୋକଙ୍କୁ ସୁଯୋଗ ଦେଲେ ଅର୍ଥନୀତି ସୁଧାର ଆସିବା ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ।

- ଅରିନ୍ଦମ ସର୍ଖେଲ(ବାପି), ପାରାଦୀପ
ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସଭାପତି

## ବିକାଶମୂଳକ କାର୍ଯ୍ୟ ଜାରିରହିବ



ରାଜ୍ୟ ସରକାର ଏବେ ଅନେକଗୁଡିଏ ପରିବର୍ତ୍ତନ ଆଣିଛନ୍ତି। ବିଶେଷକରି ପାରାଦୀପ ସମେତ ଉପକୂଳ ଅଞ୍ଚଳରେ ପର୍ଯ୍ୟଟନର ବିକାଶ କରାଯାଉଛି। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାଙ୍କୁ ରୋଜଗାର ସୁଯୋଗ ମିଳୁଛି। ଏଭଳି ବିକାଶମୂଳକ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା କରାଯାଉଛି।

-ସୌରୀନ୍ଦ୍ର କୁମାର ରାଉତରାୟ, ପାରାଦୀପ
ପୌର ନିର୍ବାହୀ ଅଧିକାରୀ

## ବ୍ୟବସାୟ ବଢ଼ିବ ବୋଲି ଆଶା



କରୋନା କାଳରେ ୨ବର୍ଷ ହେବ ବ୍ୟବସାୟ ପ୍ରଭାବିତ ହୋଇଛି। ଏବେ ଓମିକ୍ରନ ଡର ରହିଛି। ରାଜ୍ୟ ସରକାର ଅନେକ ଗଠନମୂଳକ ପଦକ୍ଷେପ ନେଇଛନ୍ତି। ୨୦୨୨ରେ ଭଲ ବ୍ୟବସାୟ ହେବାର ସମ୍ଭାବନା ରହିଛି।

- ଜ୍ୟୋତିକାନ୍ତ ପରିଡା, ପରିବହନ ବ୍ୟବସାୟୀ, ପାରାଦୀପ

## ଉନ୍ନୟମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ



କରୋନା ଲୋକଙ୍କ ଜୀବନ, ଜୀବିକାକୁ ଦୁର୍ବିସହ କରିଦେଇଥିଲା। ଏବେ କେନ୍ଦ୍ର ସରକାର ଗରିବ, ଅସହାୟ ଲୋକଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ପରିମଳ ଓ ଉନ୍ନୟମୂଳକ କାର୍ଯ୍ୟ ତ୍ୱରାନିତ ହେବା ସହ ଦେଶରେ ଆଧାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ହେବାର ସମ୍ଭାବନା ରହିଛି।

ସତ୍ୟବ୍ରତ ମହାପାତ୍ର, ଭାଜପା ଜିଲା ସଭାପତି, ଜଗତ୍‌ସିଂହପୁର

## ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ



କରୋନା ଯୋଗୁ ୨ ବର୍ଷ ହେଲା ପିଲାଙ୍କ ପାଠପଢା ପ୍ରଭାବିତ ହୋଇଛି। ଅନ୍‌ଲାଇନ ପାଠପଢା ସମସ୍ତଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହି ଶିକ୍ଷା ବ୍ୟବସ୍ଥା ଆଗକୁ ସୁଦୃଢ଼ ହେବାର ଆବଶ୍ୟକତା ରହିଛି।

- ଗୀତାଞ୍ଜଳି ତରାଇ, ପ୍ରଧାନ ଶିକ୍ଷୟିତ୍ରୀ ଗଣପତି ଶିଶୁ ବିଦ୍ୟାମନ୍ଦିର, ପାରାଦୀପ

## ଲଢ଼େଇ ଜାରି ରଖିବା



ନୂତନ ବର୍ଷର ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ। ମହାମାରୀ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ନୂତନ ବର୍ଷ ସଭିଙ୍କ ପାଇଁ ଏକ ଆହ୍ୱାନ। ଆମେ ଲଢ଼େଇ ଜାରି ରଖିବା। ସଫଳତା ନିଶ୍ଚିତ ମିଳିବ।

- ଗିରୀଶ ପାତ୍ର, ଯୁବନେତା, ଛତିଆ, ଯାଜପୁର

## ସଂକ୍ଷେପରେ

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

**ନୟାଗଡ଼ ଅଫିସ,୫।୧:** ନୟାଗଡ଼ ଜିଲାରେ ବୁଧବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଜିଲାପାଳ ପୋମା ଟୁଡୁ ଏହାକୁ ପ୍ରକାଶ କରିଛନ୍ତି । ଜିଲାରେ ଥିବା ନୟାଗଡ଼, ରଣପୁର, ଦଶପଲ୍ଲା ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏହି ତାଲିକା ପ୍ରସ୍ତୁତି ହୋଇଛି ।

### ହାଇୱା ଧକ୍କାରେ ଡାଲା ଅଟୋ ଲେଉଟିଲା ୯ ଶ୍ରମିକ ଆହତ



**ନୟାଗଡ଼ ଅଫିସ,୫।୧:** ନୟାଗଡ଼ ଜିଲା ଶରଣକୁଳ ଥାନା କଟରାଝରି ଗାଁ ନିକଟସ୍ଥ ପେଟ୍ରୋଲ ଟାଙ୍କି ନିକଟରେ ବୁଧବାର ଡାଲା ଅଟୋକୁ ହାଇୱା ଧକ୍କା ଦେଇ ପଳାଇ ଯାଇଛି । ହାଇୱା ଧକ୍କାରେ ଅଟୋ ଓଲଟି ପଡିଛି । ଅଟୋରେ ଥିବା ୯ ଶ୍ରମିକ ଆହତ ହୋଇଛନ୍ତି । ଆହତମାନଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । କୁରାଳ ପଞ୍ଚାୟତ ନାଉରିଆଗୋଡାର ୯ ଜଣ ଶ୍ରମିକ ନୟାଗଡ଼ରେ କାମ କରି ଏକ ଅଟୋ(ନଂ.ଓଡି୨୫ କେ ୬୫୬୩)ରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

### ସିରିଜ୍ ଦୁର୍ଘଟଣା

**ନୟାଗଡ଼ ଅଫିସ,୫।୧:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଟ୍ରାଫିକ ଛକ ନିକଟରେ ଏକ କାର ସିରିଜ୍ ଦୁର୍ଘଟଣା ଘଟାଇଛି । ଏଥିରେ ୩ରୁ ଊର୍ଦ୍ଧ୍ୱ ବାଇକ୍ ଚାଳକ ଆହତ ହୋଇଛନ୍ତି । ଦୁର୍ଘଟଣା ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲା ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବୁଧବାର ଅପରାହ୍ନରେ ୨୦ ମିନିଟ୍ ଧରି ରାସ୍ତା ଜାମ୍ ରହିଥିଲା । ଟ୍ରାଫିକ୍ ପୋଲିସର ହସ୍ତକ୍ଷେପ ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୫।୧:** ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ାରେ ଏକ ମାର୍କେଟ କମ୍ପ୍ଲେକ୍ସ ବୁଧବାର ଉଦ୍‌ଘାଟିତ ହୋଇଛି । ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଏହି ମାର୍କେଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି। ସେହିପରି ବେଲବଣୀ ଗ୍ରାମର ଏକ କୋଠଘରକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି ଏହି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀଙ୍କ ସହିତ ନୟାଗଡ଼ ବିଡିଓ ଭିକାରୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ବାଇକ୍ ଚୋରି

**ନୟାଗଡ଼ ଅଫିସ,୫।୧:** ଫତେଗଡ଼ ଥାନା ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମ ପୋଖରୀ ନିକଟରୁ ଏକ ବାଇକ୍ ଚୋରି ହୋଇଛି । ମାଧପୁର ଗ୍ରାମର ନକୁଳ ଦାସ ବାଇକ୍ (ନଂ.ଓଡି ୨୫ ସି ୭୬୬୪ )ନେଇ ଗାଧେଇବାକୁ ଯାଇଥିଲେ । ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ପୋଖରୀରେ ଗାଧୋଉଥିବା ସମୟରେ କେହି ତାଙ୍କ ବାଇକ୍ ନେଇ ଚାଲି ଯାଇଥିଲେ । ଫତେଗଡ ଥାନାରେ ଅଭିଯୋଗ ପରେ ପୋଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଚେକିଂ କରିବା ସହ ତଦନ୍ତ ଚାଲୁ ରଖିଛି ।

# ସର୍ଭେ ପରେ ରୋପ୍‌ୱେ ପ୍ରସ୍ତାବ ଅଟକିଲା

■ ହଇରାଣ ହେଉଛନ୍ତି ଭିନ୍ନକ୍ଷମ,ବରିଷ୍ଠ ନାଗରିକ
■ ୫୪ ପାହାଚ ଚଢ଼ି ନୀଳମାଧବଙ୍କୁ ଦର୍ଶନ ଚିନ୍ତା

**ଖଣ୍ଡପଡ଼ା,୫।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବଙ୍କ ପୀଠକୁ ରୋପ୍‌ୱେ ସଂଯୋଗ ହେବ ବୋଲି ୨୦୧୬ରେ ସର୍ଭେ ହୋଇଥିଲା । ହେଲେ ସର୍ଭେ ପରେ ସେହି କାମ ଫାଇଲ୍ ତଳେ ଚାପି ହୋଇ ରହିଛି । ଇତିମଧ୍ୟରେ ୬ ବର୍ଷ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଆସୁଥିବା ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାହାଡ଼ ଚଢ଼ି ମନ୍ଦିରକୁ ଯିବା ସେମାନଙ୍କ ପାଇଁ କଷ୍ଟସାଧ ହେଉଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ନୀଳମାଧବ ପୀଠ ସର୍ବଜନ ବିଦିତ । ଏହି ମନ୍ଦିରଟି ମହାନଦୀ କୂଳ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଶୀର୍ଷ ଦେଶରେ ଅବସ୍ଥିତ । ମନ୍ଦିରର ଚାରିପାଖ ଚାରି ଦ୍ୱାର ରହିଛି । ପୂର୍ବରେ ସିଂହଦ୍ୱାର, ପଶ୍ଚିମରେ ବ୍ୟାଘ୍ରଦ୍ୱାର, ଉତ୍ତରରେ ହାତୀଦ୍ୱାର ଓ ଦକ୍ଷିଣରେ ଘୋଡ଼ା ଦ୍ୱାର ରହିଛି । ପ୍ରତି ଦ୍ୱାରରେ ୫୪ଟି ଉଚ୍ଚ ପାହାଚ ରହିଛି । ସେହି ଉଚ୍ଚ ପାହାଚ ଚଢ଼ି ମନ୍ଦିରକୁ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିବା ଜଣେ ସାଧାରଣ ଶ୍ରଦ୍ଧାଳୁଙ୍କ ପକ୍ଷେ କଷ୍ଟସାଧ ହୋଇଥାଏ । ଏପରି ସ୍ଥଳେ ଜଣେ ଅକ୍ଷମ ତଥା ବୟସ୍କ ବ୍ୟକ୍ତିଙ୍କ ପକ୍ଷେ ଶ୍ରୀଜୀଉଙ୍କ ଦର୍ଶନ ସମ୍ଭବ ହୋଇ ନ ଥାଏ । ବହୁ ଆଶା ନେଇ ଆସିଥିବା ଏପରି ବ୍ୟକ୍ତିମାନେ ଶ୍ରୀଜୀଉଙ୍କ ଦର୍ଶନ କରି ନ ପାରି ମନ ଦୁଃଖରେ ଫେରିବାକୁ ବାଧ୍ୟ ହୋଇଥାନ୍ତି । ଯାତ୍ରୀମାନଙ୍କ ଏପରି ସମସ୍ୟାର ସମାଧାନ ପାଇଁ ଅଧିକାଂଶ ସମୟରେ ସ୍ଥାନୀୟ ଜନ ପ୍ରତିନିଧି, ଜିଲା ଓ ରାଜ୍ୟ ପ୍ରତିନିଧିଙ୍କ ପାଖରେ ଦାବି ହୋଇ ଆସୁଥିଲା । ୨୦୧୪ ନଭେମ୍ବର ୧୩ରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜାନକୀ ବଲ୍ଲଭ ମହାପାତ୍ର ନୀଳମାଧବ ଜୀଉଙ୍କ ମନ୍ଦିର ପରିଦର୍ଶନରେ ଆସି ଏ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ ସ୍ଥଳକୁ ଯେପରି ରୋପ୍‌ୱେ ଦ୍ୱାରା ପର୍ଯ୍ୟଟକମାନେ ଯାଇଥାନ୍ତି, ସେପରି ନୀଳମାଧବଙ୍କ ପୀଠକୁ ଏକ ରୋପ୍‌ୱେ ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା । ୨୦୧୬ ମାର୍ଚ୍ଚ ୧ରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ଲିଙ୍ଗରାଜ ଆସୋସିଏଟ ହୀରାକୁଦ ରୋପ୍‌ୱେର କନ୍‌ସଲଟାଣ୍ଟ ସର୍ଭେ ଆରମ୍ଭ କରି ମନ୍ଦିର ପଶ୍ଚିମ ପାର୍ଶ୍ୱ ପାଦଦେଶରୁ ପାହାଡ଼ର ଶୀର୍ଷକୁ ପ୍ରାୟ ୧୭୫ ମିଟର ରୋପ୍‌ୱେ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି କହିଥିଲେ । ପ୍ରାଥମିକ ସର୍ଭେରେ ଏହି ପ୍ରକଳ୍ପ ପାଇଁ ପ୍ରାୟ ସାଢେ ୩ରୁ ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଥିଲା । ଏହି ସର୍ଭେ ରିପୋର୍ଟକୁ ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ପାଇଁ ଏହାର ଡିପିଆର ଓ ଡ୍ରଇଂ ଡିଜାଇନ ପର୍ଯ୍ୟଟନ ବିଭାଗରୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବାକୁ ପ୍ରସ୍ତୁତି ହୋଇଥିଲା । ଅନୁଦାନ ମଞ୍ଜୁର ପରେ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା । ମାତ୍ର ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଏଦିଗରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ପର୍ଯ୍ୟଟନ ବିଭାଗ ଗୁରୁତାରୋପ କରିବାକୁ ସାଧାରଣରେ ଦାବି ହେଉଛି ।



ଶ୍ରୀନୀଳମାଧବଙ୍କ ମନ୍ଦିର ।

### ଯୁବକଙ୍କ ମୃତଦେହ ଜବତ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଖଣ୍ଡପଡ଼ା,୫।୧(ସ୍ୱ.ପ୍ର.)**

ମଙ୍ଗଳବାର କଣ୍ଟିଲୋ ଥାନା ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା । ବୁଧବାର ସାଇଣ୍ଟିଫିକ୍ ଟିମ୍ ଏହାର ତଦନ୍ତ ଆରମ୍ଭ କରିଛି । ମୃତକ ହେଲେ ଫତେଗଡ ଥାନା ଅଧୀନ ପଦ୍ମାବତୀ ଗ୍ରାମର ନେତ୍ରାନନ୍ଦ ସାହୁ ଓରଫ ଦୋଳିଆ । ବିବାହ ପାଇଁ ତାଙ୍କର ନିର୍ବନ୍ଧ ସରିଥିଲା । କିନ୍ତୁ କୌଣସି କାରଣରୁ ସେହି ବାହାଘର ଭାଙ୍ଗି ଯାଇଥିଲା । ତଥାପି ଦୋଳିଆ କଣ୍ଟିଲୋକୁ ଯିବା ଆସିବା କରୁଥିଲେ । ମଙ୍ଗଳବାର ସେ କଣ୍ଟିଲୋ ଆସିଥିଲେ । ହେଲେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ସନ୍ଦେହ ସୃଷ୍ଟି କରିଛି । ଦୋଳିଆଙ୍କ ବଡ଼ ଭାଇ ନିରଞ୍ଜନ ସାହୁ ଏ ନେଇ କନ୍ୟାପକ୍ଷଙ୍କୁ ଦାୟୀ କରିଛନ୍ତି । ସେମାନେ ମୋ ଭାଇକୁ ହତ୍ୟା କରିଛନ୍ତି ବୋଲି ସେ ଏତଲାରେ ଦର୍ଶାଇଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨/୨୨) ରୁଜୁ କରିଛି ବୋଲି ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ କହିଛନ୍ତି ।

# ରାଶନ କାର୍ଡ, ସ୍ଥାୟୀ ପଟ୍ଟା ଦାବିରେ ତହସିଲ ଘେରାଉ



ରଣପୁର ତହସିଲ ଅଫିସକୁ ଆନ୍ଦୋଳନକାରୀମାନେ ଘେରାଉ କରିଛନ୍ତି ।

**ରଣପୁର,୫।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁରରେ ନବନିର୍ମାଣ କୃଷକ ସଙ୍ଗଠନ ଓ ଦଳିତ ଆଦିବାସୀ ସଂଘ ପକ୍ଷରୁ ତହସିଲ ଅଫିସ ବୁଧବାର ଘେରାଉ କରାଯାଇଥିଲା । ରାଶନ କାର୍ଡ ଓ ସ୍ଥାୟୀ ପଟା ପ୍ରଦାନ ଦାବିରେ ଏହି ଆନ୍ଦୋଳନ ହୋଇଥିଲା । ପ୍ରକୃତ ହିତାଧିକାରୀମାନେ ବାରମ୍ବାର ବ୍ଲକ ପ୍ରଶାସନ, ତହସିଲଦାର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିଲେ । କର୍ତ୍ତୃପକ୍ଷ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ଲୋକମାନେ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଥିଲେ ।

ଅଭିଯୋଗ ଅନୁଯାୟୀ ପ୍ରକୃତ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଉନାହିଁ । ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ଦେବାରେ ବିଳମ୍ବ କରାଯାଉଥିବାରୁ ଶତାଧିକ ମହିଳା,ପୁରୁଷ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ରତ୍ନପୂର୍ଣ୍ଣା ମହାପାତ୍ରଙ୍କ କାର୍ଯ୍ୟାଳୟ ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ । ସରକାରୀ ୱେବ ସାଇଟ୍ ଖୋଲିଲେ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ଖାଦ୍ୟସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ । ତହସିଲଦାର ଯୁଗଳ କିଶୋର ମିଶ୍ର ବିକ୍ଷୋଭକାରୀଙ୍କ ପାଖକୁ ଆସି, ଫେବୃୟାରୀ ୧ ସୁଧା ଯୋଗ୍ୟହିତାଧିକାରୀଙ୍କୁ ରାଶନ କାର୍ଡ ଓ ପଟ୍ଟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ । ଏହି ଆନ୍ଦୋଳନରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ସଭାପତି ସତ୍ୟବ୍ରତ ନାୟକ,ରଣପୁର ବାର ଆସୋସିଏଶନର ସମ୍ପାଦକ ସତ୍ୟରଞ୍ଜନ ମଲ୍ଲ, ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅଜୟ ମହାନ୍ତି,ତନୁଲତା ଭୋଇ, ନୟାଗଡ଼ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର ଆବୁବକର ସିଦ୍ଦିକ, ସଞ୍ଜୟ ମହାନ୍ତି,ବସନ୍ତ କୁମାର ପ୍ରଧାନ, ମମତା ନାଥ,ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ଖଣ୍ଡପଡ଼ାରେ ଜନଶୁଣାଣି ଶିବିର

**ଖଣ୍ଡପଡ଼ା,୫।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏପିଓ ଜୟନ୍ତୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ହୋତା, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅମ୍ବୁଡସ୍‌ମ୍ୟାନ ଗିରୀଶ ଚନ୍ଦ୍ର ଦାଶ, ବିଡିଓ ଅରୁଣିମା ସାହୁ, ସହକାରୀ ଯନ୍ତ୍ରୀ ନକୁଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଯୋଜନାରେ ୬୫୭ ପ୍ରକଳ୍ପ ଅନୁମୋଦନ ହୋଇଥିବା ବେଳେ ୧୪୦ ପ୍ରକଳ୍ପ ଶେଷ ହୋଇଛି । ୩୧୦ଟି ପ୍ରକଳ୍ପର କାମ ଚାଲୁ ରହିଥିବା ଏପିଓ ମିଶ୍ର ସୂଚନା ଦେଇଥିଲେ । ଏଥିସହିତ ପୋଖରୀ ପୁନରୁଦ୍ଧାର, କ୍ଷେତ ପୋଖରୀ, କମ୍ପୋଷ୍ଟ ପିଟ୍, ଗାଈ ଗୁହାଳ, ଗ୍ରାମୀଣ ଖେଳପଡ଼ିଆ ଆଦି ବିଷୟରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା । ସେହିପରି ବ୍ଲକ ଯୋଗାଣ ଅଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଥିବା ପରିବାରବର୍ଗଙ୍କ ସୂଚନା ରଖିଥିବା ବେଳେ ରାଶନ କାର୍ଡରୁ ବଞ୍ଚିତ ହିତାଧିକାରୀ ନିଜର ଅଭିଯୋଗ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ପିଇଓ, ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜନଶୁଣାଣି ଶିବିରରେ ଯୋଗଦେଇଥିବା ଲୋକମାନେ ।

### ପେନ୍‌ସନର୍ସ ଆସୋସିଏଶନ୍‌ର ସାଧାରଣ ସଭା

**ନୟାଗଡ଼ ଅଫିସ,୫।୧**

ଅଲ୍ ଓଡ଼ିଶା ପେନ୍‌ସନର୍ସ ଆସୋସିଏଶନ୍ ନୟାଗଡ଼ ଜିଲା ଶାଖାର ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ୍ ମିଟିଂ ହଲରେ ଅନୁଷ୍ଠିତ ବୈଠକରେ ସର୍ବଭାରତୀୟ ସଂଘର ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ରାଜ୍ୟସଂଘ କର୍ମକର୍ତ୍ତା ରାଜକିଶୋର ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାନ୍ତି, ବିନୋଦ କୁମାର ବେହେରା ଓ ପର୍ଶୁରାମ ଦାସ ଯୋଗ ଦେଇଥିଲେ । କର୍ମଚାରୀଙ୍କ ମାସିକ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି, ବର୍ଦ୍ଧିତ ମହଙ୍ଗା ଭତ୍ତା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସରକାରଙ୍କ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ପୁଣି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିର କରୁଛନ୍ତି । ଏହାର ପ୍ରତିବାଦରେ ସର୍ବଭାରତୀୟସ୍ତରରେ ଆନ୍ଦୋଳନକୁ ତୀବ୍ର କରିବାକୁ ନୟାଗଡ଼ ଜିଲାର ସମସ୍ତ ସଂସ୍ଥାର କର୍ମଚାରୀମାନେ ଏକତ୍ରିତ ହୋଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ ପାଇଁ ଶପଥ ନେଇଛନ୍ତି ।

### ପୋଲିସସ୍ତରରେ ଅଦଳବଦଳ

**ନୟାଗଡ଼ ଅଫିସ,୫।୧**

ନୟାଗଡ଼ ପୋଲିସ ଜିଲାରେ ଛୋଟ ଧରଣର ଅଦଳବଦଳ ହୋଇଛି । ସଦରଥାନା ଏସ୍‌ଆଇ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଡିଆଇବିକୁ ବଦଳି କରାଯାଇଥିବାବେଳେ ଏଏସ୍‌ଆଇ ମମତାମୟୀ ସାହୁଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଏସଆର୍ ସେକ୍ସନରୁ ଡିଏଚ୍‌ଆଇପିସିକୁ ବଦଳି ହୋଇଛି । ସେହିଭଳି ଡିଏଚ୍‌ଆଇପିସି ସି/୨୦ ଶିବ ପ୍ରସାଦ ନନ୍ଦଙ୍କୁ ମୋ ସରକାର ତଥା ସାଇବର ସେଲକୁ ବଦଳି କରଯାଇଛି । ଅନ୍ୟପକ୍ଷେ ରିଜର୍ଭରେ ଥିବା ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନଙ୍କୁ ଫତେଗଡ଼ ଥାନାକୁ ବଦଳି କରାଯାଇଥିବା ବେଳେ ଫତେଗଡ଼ ଏସ୍‌ଆଇ ରାଇବରି ତିରିଆଙ୍କୁ ସଦରଥାନାକୁ ବଦଳି କରାଯାଇଛି ।

# ୭୫ କେନ୍ଦ୍ରରେ ମାଟ୍ରିକ ସମେଟିଭ୍ ପରୀକ୍ଷା

**୧୨୦୭୦ ଛାତ୍ରୀଛାତ୍ର ପରୀକ୍ଷା ଦେଲେ**

**ନୟାଗଡ଼ ଅଫିସ,୫।୧**

ନୟାଗଡ଼ ଜିଲାରେ ବୁଧବାର ୭୫ କେନ୍ଦ୍ରରେ ମାଟ୍ରିକ ସମେଟିଭ୍ ପରୀକ୍ଷା ହୋଇଛି । ଜିଲାର ୧୨ ହଜାର ୭୦ ଛାତ୍ରୀଛାତ୍ର ଡିଏମ୍‌ଆର ସିଟ୍‌ରେ ପରୀକ୍ଷା ଦେଇଛନ୍ତି । ବୁଧବାର ପ୍ରଥମ ସିଟିଂରେ ମାତୃଭାଷା ଓଡିଆ ଥିଲା । ୨ୟ ସିଟିଂରେ ଗଣିତ ଥିଲା । ପରୀକ୍ଷା ୪ଦିନ ଧରି ଚାଲିବ । ଏଥିପାଇଁ ଭାପୁର ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୯, ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୧୦, ନୟାଗଡ଼ ବ୍ଲକରେ ୧୫, ନୂଆଗାଁ ବ୍ଲକରେ ୬, ଓଡ଼ଗାଁ ବ୍ଲକରେ ୧୨, ରଣପୁର ବ୍ଲକରେ ୧୨ଟି ସେଣ୍ଟର ହୋଇଛି । ତେବେ ୧୨ ହଜାର ୭୧୪ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିଲା । ଏଥିରୁ ୬୪୪ ଜଣ ଅନୁପସ୍ଥିତ ଥିଲେ ।



ପରୀକ୍ଷାକେନ୍ଦ୍ରକୁ ଯିବା ପୂର୍ବରୁ ଛାତ୍ରୀମାନଙ୍କ ଲମ୍ବାଧାଡ଼ି ।

# ପଞ୍ଚାୟତ କାର୍ଯ୍ୟାଳୟ ଭଙ୍ଗାରୁଜା

## ଦୁଇ ଭାଇ ଜେଲ ଗଲେ

**ନୟାଗଡ଼ ଅଫିସ,୫।୧**

ପଞ୍ଚାୟତ କାର୍ଯ୍ୟାଳୟ ଭଙ୍ଗାରୁଜା ଅଭିଯୋଗରେ ନୟାଗଡ ସଦର ଥାନା ପୋଲିସ କାଳିକାପ୍ରସାଦ ଅଞ୍ଚଳର ୨ ଭାଇ ଚନ୍ଦନ ମହାପାତ୍ର(୨୭) ଓ ଗଗନ ମହାପାତ୍ର(୨୫) ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ନେଇ ଦୁଇ ଭାଇ କାଳିକାପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଗଣ୍ଡଗୋଳ ଓ ଭଙ୍ଗାରୁଜା କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ କରିଥିଲା ।

# ରଘୁନାଥ ମନ୍ଦିର ପରିସରରେ ଏଟିଏମ୍ ସ୍ଥାପନ ଦାବି



ପୂଜକ ଓ ସୁଆର ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଓଡଗାଁ,୫।୧(ସ୍ୱ.ପ୍ର.)**

ଓଡ଼ଗାଁରେ ଶ୍ରୀରଘୁନାଥ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏକ ଏଟିଏମ୍ ସ୍ଥାପନ କରିବାକୁ ଦାବି ହୋଇଛି । ଏହି ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଯାତ୍ରୀ ତଥା ସ୍ଥାନୀୟ ବାସିନ୍ଦାଙ୍କ ସୁବିଧା ନିମନ୍ତେ ମନ୍ଦିର ପରିସରରେ ଏଟିଏମ୍ ସ୍ଥାପନ ପାଇଁ ପୂଜକ ଓ ସୁଆର ପରିଷଦ ପକ୍ଷରୁ ବ୍ୟାଙ୍କ ମହାପ୍ରବନ୍ଧଙ୍କୁ ମନ୍ଦିର ପରିଦର୍ଶନ ସମୟରେ ଅନୁରୋଧ କରାଯାଇଥିଲା । ବୁଧବାର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ସୁଆର ପରିଷଦ ସଭାପତି କାର୍ତ୍ତିକ ପଣ୍ଡା ଓ ମନ୍ଦିର ପରଛା ହାରିବନ୍ଧୁ ଷଡ଼ଙ୍ଗୀ ମହାପ୍ରବନ୍ଧଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଶାଖା ପରିଚାଳକ ସନ୍ତୋଷ କୁମାର ସେଠୀଙ୍କୁପ୍ରଦାନ କରିଛନ୍ତି ।

# ଡାକ୍ତରଙ୍କ କାମ ଚଳାଉଛନ୍ତି ପ୍ରୋପ୍ରାଇଟର

■ଷ୍ଟେଥୋ ପକାଇ ଦେଖୁଛନ୍ତି ରୋଗୀ
■ଘରୋଇ କ୍ଲିନିକ୍ ଉପରେ ନାହିଁ ଲଗାମ
■ଶୀତଳଭଣ୍ଡାରରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

**ନୟାଗଡ଼ ଅଫିସ,୫।୧**

ନୟାଗଡ଼ ଜିଲା ସଦର ମହକୁମାରେ ଥିବା ଅଧିକାଂଶ ଘରୋଇ କ୍ଲିନିକ୍‌ରେ ମନମାନି ଚାଲିଛି । ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଘରୋଇ କ୍ଲିନିକ୍ ମୁହାଁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନ ପାଇ ଶୋଷଣର ଶିକାର ହେଉଛନ୍ତି । ଅନ୍ୟପକ୍ଷେ କିଛି କ୍ଲିନିକ୍‌ର ପ୍ରୋପ୍ରାଇଟର ଡାକ୍ତରଙ୍କ ଭୂମିକା ତୁଲାଉଛନ୍ତି । ବେକରେ ଷ୍ଟେଥୋ ପକାଇ ରୋଗୀ ଦେଖୁଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ନ ଥିବାରୁ ଘରୋଇ କ୍ଲିନିକ୍‌ରେ ଲଗାମ ରହୁ ନ ଥିବା ଅଭିଯୋଗ ହୋଇ ଆସୁଛି । ଜିଲା ସଦର ମହକୁମାରେ ୧୫ଟି ଘରୋଇ କ୍ଲିନିକ୍ ଅଛି । ଯାହାକି ସରକାରୀ ପଞ୍ଜୀକରଣ ହୋଇଛି । ହେଲେ ଅଧିକାଂଶ ଘରୋଇ କ୍ଲିନିକ୍‌ର ପ୍ରୋପାଇଟର ରୋଗୀ ଦେଖୁଛନ୍ତି । ପ୍ରେସ୍କ୍ରିପଶନ ଲେଖୁଛନ୍ତି । ବେଳେବେଳେ ଅପରେଶନ ବି କରୁଛନ୍ତି । ବିଗତ ୩ ବର୍ଷର ହିସାବକୁ ନେଲେ ଚଢ଼ାଉ ନ ଥିବାରୁ କ୍ଲିନିକ୍‌ଗୁଡ଼ିକରେ ଭ୍ରୁଣହତ୍ୟା କରି ଭଲ ରୋଜଗାର ହେଉଥିଲା । ଯାହାକି ୨୦୨୦ ଅଗଷ୍ଟରେ ପ୍ରମାଣିତ ହୋଇଥିଲା । ନୟାଗଡ଼ ସହରର ୫ ନାମିଦାମୀ କ୍ଲିନିକ୍ ଏପରି କାରନାମା ବେଶି ହେଉଛି । ତେବେ ୫ କ୍ଲିନିକ୍‌ରୁ ଜଣେ ଫସିଗଲେ । ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ର ମାଲିକ ବକଳବନ୍ଧ ଗାଁର ସତ୍ୟପୀୟ ସ୍ୱାଇଁ ଭ୍ରୁଣ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ । ନକଲି ଡାକ୍ତର ବିଶ୍ୱନାଥ ଘଡେଇ ଜେଲରେ ଅଛନ୍ତି । ଏଯାବତ ସେ ଜାମିନ୍ ହୋଇପାରୁ ନାହାନ୍ତି । ତେବେ ଅନ୍ୟମାନେ ଏଯାବତ ସେମାନଙ୍କ କାରନାମା ଚଳାଇ ଆସିଛନ୍ତି । ରାଜନୈତିକ ନେତା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ପ୍ରଶାସକଙ୍କୁ ଧରାଧରି କରି ନିଜର ବେଆଇନ ସାମ୍ରାଜ୍ୟକୁ ଚଳାଇ ଆସି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏନେଇ ଆଇନଜୀବୀ ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ ସହରର ଅନେକ ଘରୋଇ କ୍ଲିନିକ୍ ବେଆଇନ ଭାବେ ରୋଗୀଙ୍କୁ ଶୋଷଣ କରି ଚାଲିଛନ୍ତି । ସେମାନଙ୍କ ବେଆଇନ କାରନାମା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ନାହିଁ । ଘରୋଇ କ୍ଲିନିକ୍ ପ୍ରୋପାଇଟର ରୋଗୀ ଦେଖିବା କେଉଁ ଆଇନରେ ଅଛି । ଏହାର ତଦନ୍ତ ହେବା ଦରକାର । ଗଣିଆର ସଦାଶିବ ପ୍ରଧାନ, ନୂଆଗାଁର ହେମନ୍ତ ନାୟକ, ରଣପୁରର ସୁବ୍ରତ ସ୍ୱାଇଁ କୁହନ୍ତି, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ମିଳୁନି । ଘରୋଇ କ୍ଲିନିକ୍‌କୁ ଗଲେ ସେଠାରେ ଲୁଟ ଚାଲିଛି । ଘରୋଇ କ୍ଲିନିକ୍‌ରେ ପ୍ରଥମେ ଡାକ୍ତର ଅପରେଶନ କରୁଛନ୍ତି । ପରେ ପ୍ରୋପାଇଟର ଓ ଅନ୍ୟ କିଛି କର୍ମଚାରୀ ଡାକ୍ତର କାମ ଚଳାଇ ନେଉଛନ୍ତି । ନିଜେ ସବୁ କିଛି କରି ଅଧିକ ଟଙ୍କା ଦାବି କରୁଛନ୍ତି । ଡାକ୍ତରୀ ପାଠ ନ ପଢ଼ି କିପରି କିଛି ବ୍ୟକ୍ତି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ତାର ତଦନ୍ତ ହେବା ଦରକାର ବୋଲି କହିଛନ୍ତି । କେତେବେଳେ କିଛି ସମସ୍ୟା ସାମ୍ନାକୁ ଆସିଲେ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି ।